# ଇଣ୍ଡିଆ ପାୱାର୍‌ର ଦମ୍‌ଦାର 'ପ୍ରଥମେ ଗ୍ରାହକ' କୌଶଳାତ୍ମକ ପଦକ୍ଷେପ ଉପଭୋକ୍ତାଙ୍କ ପାଇଁ ପର୍ଯ୍ୟାପ୍ତ ଲାଭ ଆଣିଛି

*ଉପଭୋକ୍ତାଗଣ ଦେଶରେ ଅନ୍ୟତମ ସର୍ବନିମ୍ନ ମୂଲ୍ୟରେ ନିରବଚ୍ଛିନ୍ନ ଶକ୍ତି ଯୋଗାଣ ପାଉଛନ୍ତି*

**ଭୁବନେଶ୍ୱର, ୧୫ ସେପ୍ଟେମ୍ବର ୨୦୨୦:** ଦେଶର ଅନ୍ୟତମ ଅଗ୍ରଣୀ ଶକ୍ତି ଉପଯୋଗିତା କମ୍ପାନୀ ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ନିଜର ଘରୋଇ ଏବଂ ଶିଳ୍ପ ଉପଭୋକ୍ତା ଯେଉଁଭଳି ଭୋଲଟେଜ ହ୍ରାସ ବୃଦ୍ଧି, ଶକ୍ତି ବିଫଳତା, ସମ୍ପୂର୍ଣ୍ଣ ଅନ୍ଧକାର ଏବଂ ଲୋଡ୍ ସେଡିଂ ଭଳି ସମସ୍ୟାରୁ ମୁକ୍ତ ହୋଇ ସୁଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଣ ପାଇବେ ତାହା ନିଶ୍ଚିତ କରିବାକୁ ଏକ ଅଭିଯାନ କାର୍ଯ୍ୟକାରୀ କରୁଛି।

ବିଶେଷକରି ଏହି ମହାମାରୀ ସମୟରେ କମ୍ପାନୀର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ ଯୋଗୁଁ ଗ୍ରାହକଙ୍କୁ ସ୍ଥିର ଏବଂ ନିରନ୍ତର ଶକ୍ତି ଯୋଗାଣ ରୂପରେ ପର୍ଯ୍ୟାପ୍ତ ଲାଭ ମିଳିଛି। ମୋଟ ବୈଷୟିକ ଏବଂ ବାଣିଜ୍ୟିକ କ୍ଷତି (ଏଟି ଆଣ୍ଡ ସି)କୁ ୩%ରେ ସୀମିତ ରଖାଯାଇଛି, ଯାହା ଜାତୀୟସ୍ତରରେ ଉପଯୋଗିତା କମ୍ପାନୀଗୁଡିକ ମଧ୍ୟରେ ଅନ୍ୟତମ ସର୍ବନିମ୍ନ। ଏହାଦ୍ୱାରା ଉପଭୋକ୍ତାମାନଙ୍କୁ ଚବିଶଘଣ୍ଟିଆ ଭରସାଯୋଗ୍ୟ ଏବଂ ସୁଲଭ ମୂଲ୍ୟରେ ଶକ୍ତି ଯୋଗାଣ କରାଯାଇପାରିଛି।

ଏହାର କାର୍ଯ୍ୟକାରିତା ଅଞ୍ଚଳରେ ଥିବା ରାଷ୍ଟ୍ରାୟତ୍ତ ଉପଯୋଗିତା କମ୍ପାନୀ ତୁଳନାରେ ଇଣ୍ଡିଆ ପାୱାର ଅଧିକାଂଶ ବର୍ଗରେ ୨୦% ଶସ୍ତାରେ ଶକ୍ତି ଯୋଗାଉଛି। କମ୍ପାନୀ ସମ୍ପ୍ରତି ପଶ୍ଚିମବଙ୍ଗର ଆସାନ୍‌ସୋଲ-ରାଣିଗଞ୍ଜ ଅଞ୍ଚଳରେ ୬୧୮ ବର୍ଗକିଲୋମିଟର କ୍ଷେତ୍ରରେ ଶକ୍ତି ଯୋଗାଣ ନିମନ୍ତେ ଆବଣ୍ଟନ ଲାଇସେନ୍ସ ହାସଲ କରିଛି। ଏହା ଭାରତର ହାତଗଣତି ଉପଯୋଗିତା କମ୍ପାନୀଗୁଡିକ ମଧ୍ୟରେ ଅନ୍ୟତମ ଯାହା ଅନ୍ୟ ଦୁଇ ଯୋଗାଣକାରୀଙ୍କ ସହିତ ପ୍ରତିଯୋଗିତାମୂଳକ ପରିବେଶରେ କାର୍ଯ୍ୟ କରୁଛି ଏବଂ ସେହି ସମାନ ଗ୍ରାହକଙ୍କ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛି।

ଉକ୍ତ ଅଞ୍ଚଳରେ ୧୦୦ ବର୍ଷରୁ ଅଧିକ ସମୟ ଧରି ପରିବାର, ଶିଳ୍ପ ଏବଂ ବ୍ୟବସାୟିକ ସଂସ୍ଥାଗୁଡିକର ଶକ୍ତି ଚାହିଦା ସନ୍ତୋଷଜନକ ଭାବେ ପୂରଣ କରିବା ପରେ ଇଣ୍ଡିଆ ପାୱାର ସମ୍ପ୍ରତି ତାହାର ପରିଚାଳନା କ୍ଷେତ୍ର ଆବଶ୍ୟକ ମଞ୍ଜୁରୀ ଓ ଅନୁମୋଦନ ମିଳିଲେ ଦେଶର ଅନ୍ୟ ଭାଗକୁ ସମ୍ପ୍ରସାରିତ କରିବା ଯୋଜନା କରୁଛି।

ବିଦ୍ୟୁତ ଶକ୍ତି ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ନେଇ କମ୍ପାନୀର ଅଭିଯାନ ସମ୍ପର୍କରେ ମତରଖି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ **ଶ୍ରୀ ରାଘବ ରାଜ କାନୋରିଆ** କହିଛନ୍ତି, "ଇଣ୍ଡିଆ ପାୱାରର ଗ୍ରାହକ କୈନ୍ଦ୍ରିକ ପରମ୍ପରା ଶହେବର୍ଷ ପୁରାତନ, ଯାହା ସର୍ବଦା ଏହାର ବ୍ୟବସାୟର ଅଭିନ୍ନ ଅଙ୍ଗ ହୋଇରହିଛି। ଆମ ଗ୍ରାହକଙ୍କ କଲ୍ୟାଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ଏବଂ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ଯାହା ଆବଶ୍ୟକ ତାହା କରୁଛୁ।"

ସେ କହିଛନ୍ତି, "ଆମେ ଅନୁଭବ କରୁଛୁ ଯେ ଏହି ମହାମାରୀ ସମୟରେ ଆମର ଅଧିକାଂଶ ଘରୋଇ ଉପଭୋକ୍ତା ସେମାନଙ୍କ ଘରେ ରହି କାର୍ଯ୍ୟ କରୁଥିବେ ଏବଂ ସେମାନଙ୍କୁ ସେମାନଙ୍କ ଘରେ ନିରାପଦ ଓ ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ସେମାନଙ୍କ କର୍ତ୍ତବ୍ୟ ଦକ୍ଷତାର ସହିତ ସମ୍ପାଦନ କରିବା ପରିବେଶ ଆମେ ଯୋଗାଇଦେବାର ଆବଶ୍ୟକତା ରହିଛି। ମୁଁ ଆନନ୍ଦିତ ଯେ ଇଣ୍ଡିଆ ପାୱାରର ପ୍ରତ୍ୟେକ କର୍ମଚାରୀ ଏହି ଉଦ୍ଦେଶ୍ୟ ପାଇଁ ପୂର୍ଣ୍ଣଭାବରେ ପ୍ରତିଶ୍ରୁତିବଦ୍ଧ। ଯାହା ଫଳରେ ଏକ ଆହ୍ୱାନମୂଳକ କାର୍ଯ୍ୟ ପରିବେଶ ସତ୍ତ୍ୱେ ଏହା ଆମ ଉପଭୋକ୍ତା ପରିବାରକୁ ଯଥାସମ୍ଭବ ସର୍ବୋତ୍ତମ ଭାବରେ ସେବା ପ୍ରଦାନ କରିବାକୁ ସୁଯୋଗ ଦେଇଛି। ମୁଁ ଦୃଢ ନିଶ୍ଚିତ ଯେ ଆମେ କାର୍ଯ୍ୟକରୁଥିବା ଅଞ୍ଚଳଗୁଡିକରେ ଗୁଣାତ୍ମକ ସେବା ଯୋଗାଣ ନିରନ୍ତର ଜାରି ରଖିବୁ। ଭବିଷ୍ୟତରେ ଆମେ ସେବା ଯୋଗାଇବାକୁ ଯୋଜନା କରିଥିବା ଅଞ୍ଚଳଗୁଡିକରେ ଆମେ ଏହାର ପୁନରାବୃତ୍ତି କରିବା ଅଥବା ଆମର ସେବା ଯୋଗାଣ ଶୈଳୀ ଅଧିକ ଉନ୍ନତ କରିବାକୁ ନିରନ୍ତର ପ୍ରୟାସ କରିବୁ।"

ଇଣ୍ଡିଆ ପାୱାରର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ **ଶ୍ରୀ ସୋମେଶ ଦାସଗୁପ୍ତା** କହିଛନ୍ତି, "ଶକ୍ତିକ୍ଷେତ୍ର ସମ୍ପର୍କରେ ଗଭୀର ଜ୍ଞାନ ହିଁ ଆମର ସାମର୍ଥ୍ୟ, ଯାହା ଆମର ଗ୍ରାହକଙ୍କୁ ଗୁଣାତ୍ମକ ସମାଧାନ ଏବଂ ଏହି ଶ୍ରେଣୀରେ ସର୍ବୋତ୍ତମ ସେବା ଯୋଗାଣ ଜରିଆରେ ଉପଯୁକ୍ତ ମୂଲ୍ୟ ପ୍ରଦାନରେ ସହାୟକ ହେଉଛି । ଇଣ୍ଡିଆ ପାୱାରରେ ଗ୍ରାହକ ପ୍ରଥମ ନୀତି ରହିଛି ଏବଂ ଏହା ପୀଢି ପରେ ପୀଢି ଆମ ସେବା ଜରିଆରେ ପ୍ରଦର୍ଶିତ ହୋଇଆସିଛି । ଆମର ଶିଳ୍ପ, ବାଣିଜ୍ୟିକ ଏବଂ ଘରୋଇ ଉପଭୋକ୍ତାଙ୍କର ଅଭିବୃଦ୍ଧି ଓ ସମୃଦ୍ଧି ନିମନ୍ତେ ଆମେ ନିରନ୍ତର ପ୍ରତିଶ୍ରୁତିବଦ୍ଧ ରହିବୁ ।"

ଇଣ୍ଡିଆ ପାୱାର ନିଜର ଗ୍ରାହକଙ୍କୁ ସେବା ଯୋଗାଇବା ସକାଶେ ଆଇଓଟି, ସ୍ମାର୍ଟ ମିଟରିଂ ଭିତ୍ତିକ ଆବଣ୍ଟନ, ବିଜନେସ୍ ଇଣ୍ଟେଲିଜେଂଟ (ବିଆଇ) ରିପୋର୍ଟିଂ ପଦ୍ଧତି, ଆଉଟେଜ ମ୍ୟାନେଜମେଣ୍ଟ ବ୍ୟବସ୍ଥା ସମେତ ସର୍ବାଧୁନିକ ପ୍ରଯୁକ୍ତିକୌଶଳ ଏବଂ ଅନ୍ୟ ବହୁ ଉନ୍ନତ ବ୍ୟବସ୍ଥା ଉପଯୋଗ କରୁଛି । ଏହା ମଧ୍ୟ ଏକ ଚବିଶ ଘଣ୍ଟିଆ କଲ୍ ସେଣ୍ଟର ପରିଚାଳନା କରୁଛି ଯାହା ନିଜ ଗ୍ରାହକଙ୍କ ନିକଟରୁ ପାଉଥିବା ପ୍ରତ୍ୟେକଟି ଅନୁସନ୍ଧାନର ଜବାବ ରଖୁଛି ।

**About India Power Corporation Limited** ("**India Power**"):
India Power Corporation Limited ("India Power"), formerly known as DPSC Limited, incorporated in 1919, is a holistic, integrated power utility headquartered in Kolkata, West Bengal. The company holds a distribution license spread across 618 square kilometres in Asansol-Ranigunj region of West Bengal and contributes immensely to the growth and prosperity of its industrial, commercial and domestic consumers. With strong expertise in distribution management and engineering, the company has developed a diversified, pan-India portfolio, which includes power distribution, smart metering & digital transformation, renewable and conventional modes of power generation.

**Media persons**, **for further information please contact**:

**Arnab Sinha Roy**
Perfect Relations
M: +91 98315 69558
E: aroy@perfectrelations.com